ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

********

ଅଧିସୂଚନା

File No.COL/JAJ/VIIL-36/2022 14601 /LA/(Civil) dated. 26-12-2023

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଏନ.ସି କଲେଜ ନିକଟ ସଢେଇ ପୋଖରୀ ଠାରୁ ବୁଢୀକଣ୍ଢେଇ ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ (Appropriate Government) ସରକାରୀ ବ୍ୟୟରେ ମୌଜା-ଅବଦଲପୁର,ଥାନା- ଯାଜପୁର ନଂ ୧୯୧,ତହସିଲ- ଯାଜପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୧୩୨ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ଏନ.ସି କଲେଜ ନିକଟ ସଢେଇ ପୋଖରୀ ଠାରୁ ବୁଢୀକଣ୍ଢେଇ ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ଏନ.ସି କଲେଜ ନିକଟ ସଢେଇ ପୋଖରୀ ଠାରୁ ବୁଢୀକଣ୍ଢେଇ ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୭୨୧୯/୧୯.୧୦.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର ।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ ର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ଅବଦଲପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ୦.୫୬୦ ଡି | ଏ. ୦.୧୩୨ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ଜିଲ୍ଲାପାଳ, ଯାଜପୁର**

**Memo No.** 14602 **/ LA/dtd.** 26-12-2023.

Copy along with the land schedule forwarded to the Director, Printing Stationery and Publication, Odisha, Cuttack with a request to publish the Notification along with the land schedule in the next issue of E.O.G and supply 3 copies of them to Revenue & D.M. Department/Collector, Jajpur/Secretary to RDC(CD), Cuttack.

**Collector, Jajpur**

Memo No. 14603 / LA/dtd. 26-12-2023

Copy along with the land schedule forwarded to the Joint Secretary to Government, I & PR Department, Odisha, Bhubaneswar with a request to take necessary steps for publication of the Notification along with the land schedule in two local dailies of which at least one shall be in the regional language and two copies of the said publication may please be furnished to this office immediately.

**Collector, Jajpur**

**Memo No.** 14604 **/ LA/dtd.** 26-12-2023

Copy forwarded to the Land Acquisition Officer (Civil), Collectorate, Jajpur for information and necessary action.

1. He should not take possession of the land under any circumstances before making payment of compensation to the land losers.
2. The Substance of the Notification may be published in the locality immediately. Copies of such publication and the date of such publication may be intimated to Revenue & DM Department / this office forthwith for future course of action.
3. Publication in EOG/News Paper may be watched and reported to this Office with details of such publication.

**Collector, Jajpur**

**Memo No.** 14605 **/LA/dtd.** 26-12-2023

Copy forwarded to the Joint Secretary to Government, Revenue & DM Department /Joint Secretary to RDC (CD), Cuttack / Joint Secretary to Government, Works Department, Government of Odisha, Bhubaneswar for information and necessary action.

**Collector, Jajpur**

Memo No. 14606 / LA/dtd. 26-12-2023,

Copy forwarded to the Superintending Engineer, Panikoili (R&B) Division, Panikoili for information and necessary action/Guard File.

**Collector, Jajpur**